# ପଲସାଗୋରାରେ ନିଶା ନିବାରଣ ଶୋଭାଯାତ୍ରା




କନ୍ଧମାଳ,(ସବ୍ୟୁ): ପବିତ୍ର ଗାନ୍ଧୀ ଏବଂ ଶାସ୍ତ୍ରୀ ଜୟନ୍ତୀ ଅବସରରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) ର ଆହ୍ୱାନ କ୍ରମେ ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ୍ ପଲଶାଗୋରା ଠାରେ ଏକ ନିଶା ନିବାରଣ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଅଞ୍ଚଳର ନିଶା ବିରୋଧୀ ସଂଗ୍ରାମୀ ମାଆ ମାନେ ପ୍ଲାକାର୍ଡ, ପୋଷ୍ଟର ଓ ପ୍ରଚାର ପତ୍ର ଧରି ପରିକ୍ରମା କରି ସରକାରଙ୍କୁ ତାଙ୍କର ନିର୍ବାଚନ ସମୟରେ ଦେଇଥବା ପ୍ରତିଶୃତି ପାଳନ ପାଇଁ ଦାବି କରିଥିଲେ। ଶୋଭାଯାତ୍ରାରେ ମୋନାର କନ୍ଧମାଳ ବ୍ଲକ୍ ସଭାପତି ପ୍ରମୋଦିନୀ ନାଏକ, ୱାର୍ଡମେମ୍ବର୍ ସୁରେଶ୍ ପଧାନ, କୃଷକ ସଂଘ ସଭାପତି ବିଶିକେସନ କର୍ମୀ, ଅରୁଣ ପ୍ରଧାନ, ଆଦିତ୍ୟ ପ୍ରଧାନ ପ୍ରମୁଖ ନେତୃତ୍ୱ ନେଇଥିଲେ ।

# ସୁନ୍ଦରଗଡ଼ ଜିଲ୍ଲାରେ ବାଦ୍ ପଡ଼ିବେ ୨ଲକ୍ଷରୁ ଉର୍ଦ୍ଧ୍ୱ ଅଯୋଗ୍ୟ ରାସନକାର୍ଡଧାରୀ

ସୁନ୍ଦରଗଡ଼,(ସବ୍ୟୁ): ସୁନ୍ଦରଗଡ଼ରେ ୪ ଲକ୍ଷ ୨୫ ହଜାର ୯୦୯ ରାସନକାର୍ଡଧାରୀ ଅଛନ୍ତ। ଏଥିରେ ମୋଟ ୧୪ ଲକ୍ଷ ୮୬ ହଜାର ୩୦୦ ଜଣ ଉପକୃତ ହେଉଥିଲେ। ଏବେ ସୁଦ୍ଧା ପ୍ରାୟ ୬୦ ହଜାର କାର୍ଡ ଓ ୨ ଲକ୍ଷରୁ ଅଧିକ ହିତାଧକାରୀ ବାଦ୍ ପଡି ସାରିଲେଣି ବୋଲି ସୂଚନା ମିଳିଛି। ଯୋଗାଣ ବିଭାଗ ଓ କଣ୍ଟ୍ରୋଲ ଦୋକାନୀଙ୍କ ଭିତିରି ସଲା ସୁତୁରାରେ ବର୍ଷବର୍ଷ ଧରି ପିଡିଏସ୍ ସାମଗ୍ରୀ ଉଠାଉଥିବା ଅଯୋଗ୍ୟ କାର୍ଡଧାରୀଙ୍କୁ ଲାଗିଛି ଶକ୍ତ ଧକ୍କା। ହିତାଧିକାରୀଙ୍କ ଆଧାର ଲିଙ୍କ ପରେ ସୁନ୍ଦରଗଡ ଜିଲ୍ଲାରେ ଅଯୋଗ୍ୟ ରାସନକାର୍ଡଧାରୀଙ୍କ ନାମ ଯୋଗାଣ ବିଭାଗରୁ ତାଲିକାରୁ ବାଦ୍ ପଡୁଛି। ଯେଉଁ ଅଯୋଗ୍ୟ ହିତାଧିକାରୀ ପରିବାର ନିୟମିତ ପିଡିଏସ୍ ସାମଗ୍ରୀ ଉଠାଉଥିଲେ, ସେମାନଙ୍କ ଚିନ୍ତା ବଢ଼ିଛି। ଯେଉଁ ଯୋଗ୍ୟ ହିତାଧିକାରୀ ବାଦ୍ ପଡିଥିଲେ, ସେମାନଙ୍କୁ ଖୁବ୍ ଶୀଘ୍ର ନୂଆ ରାସନ କାର୍ଡ ମିଳିବ ବୋଲି କୁହାଯାଇଛି। ସୁନ୍ଦରଗଡ଼ରେ ୪ ଲକ୍ଷ ୨୫ ହଜାର ୯୦୯ ରାସନକାର୍ଡଧାରୀ ଅଛନ୍ତି। ଏଥିରେ ମୋଟ ୧୪ ଲକ୍ଷ ୮୬ ହଜାର ୩୦୦ ଜଣ ଉପକୃତ ହେଉଥିଲେ। ଏବେ ସୁଦ୍ଧା ପ୍ରାୟ ୬୦ ହଜାର କାର୍ଡ ଓ ୨ ଲକ୍ଷରୁ ଅଧିକ ହିତାଧକାରୀ ବାଦ୍ ପଡି ସାରିଲେଣି ବୋଲି ସୂଚନା ମିଳିଛି। ସମସ୍ତ ହିତାଧିକାରୀଙ୍କ ଆଧାର ଲିଙ୍କ ପରେ ରାସନକାର୍ଡ ସଂଖ୍ୟା ଆହୁରି କମିପାରେ ବୋଲି ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। । ଜିଲ୍ଲାର ସମସ୍ତ ୧୭ ବ୍ଲକ, ରାଉରକେଲା ମହାନଗର ନିଗମ, ବୀରମିତ୍ରପୁର, ରାଜଗାଙ୍ଗପୁର ଓ ସୁନ୍ଦରଗଡ଼ ପେରପାଳିକାରେ ବଳକା ହିତାଧିକାରୀଙ୍କ ଆଧାର ଲିଙ୍କ୍ ସରିବା ପରେ ରାସନକାର୍ଡ ବାତିଲ ସଂଖ୍ୟା ଆହୁରି ବୃଦ୍ଧି ପାଇବ ବୋଲି ଜଣାପଡ଼ିଛି । ସରକାରଙ୍କ ମାପଦଣ୍ଡ ଅନୁସାରେ ଯେଉଁ ହିତାଧିକାରୀଙ୍କର କାର୍, ଟ୍ରାକ୍ଟର, କୋଠାଘର, ନିର୍ଦ୍ଧାରିତ ପରିମାଣରୁ ଅଧିକ ଜମି ଥିବ ତା'ହେଲେ ସେମାନେ ରାସନକାର୍ଡ ପାଇଁ ଅଯୋଗ୍ୟ ବିବେଚିତ ହେବେ । ଆଧାରକାର୍ଡ ଲିଙ୍କ ହେବାମାତ୍ରେ ଏଭଳି ହିତାଧିକାରୀମାନେ ଆପେ ବାଦ ପଡୁଛନ୍ତି।

# ହାତୀ ଆକ୍ରମଣରେ ଦୁଇ ବନ କର୍ମଚାରୀ ଗୁରୁତର



ସୁନ୍ଦରଗଡ଼,(ସବ୍ୟୁ): ଉତ୍ପାତ କରୁଥିବା ହାତୀକୁ ଘଉଡ଼ାଇବା ବେଳେ ହାତୀଟି ଜଙ୍ଗଲକୁ ଯିବା ପରିବର୍ତ୍ତେ ପାଲଟା ଆକ୍ରମଣ କରିଛି। ତା'କୁ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ଦୁଇ ଜଣ ବନ କର୍ମଚାରୀଙ୍କୁ ହାତୀଟି ଟେକି କଚାଡ଼ି ଦେଇଛି। ଏଥିରେ ୨ ଜଣ ଯାକ ବନ କର୍ମଚାରୀ ଗୁରୁତର ହୋଇଛନ୍ତି। ଏଭଳି ଘଟଣା ସୁନ୍ଦରଗଡ ଜିଲ୍ଲା ବଣାଇ ବନଖଣ୍ଡର କୁଳିପୋଷ ରେଞ୍ଜର ହଳଦୀକାଞ୍ଚି ଗାଁରେ। କୁଳିପୋଷ ରେଞ୍ଜର ବିଭିନ୍ନ ଗ୍ରାମରେ ତିନି ଟିକିଆ ହାତୀ ପଲ ବେଶ କିଛି ଦିନ ଉପଦ୍ରବ ଜାରି ରଖିଥିଲେ। ଏହାକୁ ନେଇ ଗାଁ ଲୋକ ଭୟରେ ଥିବା ବେଳେ ସହାୟତା ପାଇଁ ବନ ବିଭାଗକୁ କହିଥିଲେ। ଖବର ମିଳିବା ପରେ ବନ ବିଭାଗର କର୍ମଚାରୀ ଓ ଗଜ ସାଥୀ ମିଳିତ ଭାବେ ହଳଦୀକାଞ୍ଚି ଗାଁରେ ହାତୀକୁ ଘଉଡ଼ାଇବା ପାଇଁ ପହଞ୍ଚି ଯାଇଥିଲେ। ସେମାନେ ହାତୀ ଘଉଡ଼ାଇବାକୁ ଚେଷ୍ଟା କରୁଥିବା ବେଳେ ହାତୀର ପାଲଟା ଆକ୍ରମଣ ଦେଖିବାକୁ ମିଳିଥିଲା। ଗୋଟିଏ ହାତୀ ସିଧା ଗଜ ସାଥୀ ସନ୍ତୋଷ ମୁଣ୍ଡା ଓ ବନରକ୍ଷୀ ସନ୍ତୋଷ ମୁଣ୍ଡାଙ୍କୁ ଟେକି କଚାଡ଼ି ଦେଇଥିଲା। ତେବେ ସେମାନଙ୍କ ଉପରେ ଚି ନଥିଲା। ଉଭୟଙ୍କୁ ଗାଁ ଲୋକ ଓ ବନ ବିଭାଗର ଅନ୍ୟ କର୍ମଚାରୀମାନେ ଗୁରୁତର ଅବସ୍ଥାରେ ହାତୀ କବଳରୁ ଉଦ୍ଧାର କରିଥିଲେ। ସେମାନଙ୍କୁ ତୁରନ୍ତ ବଣାଇ ଉପଖଣ୍ଡ ଚିକିତ୍ସାଳୟକୁ ଅଣା ଯାଇଥିଲା। ସେଠାରେ ଉଭୟଙ୍କ ପ୍ରାଥମିକ ଚିକିତ୍ସା କରାଯାଇଥିଲା। କିନ୍ତୁ ଗଜ ସାଥୀ ସନ୍ତୋଷ ମୁଣ୍ଡାଙ୍କ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି। ସେଠାରେ ତାଙ୍କର ଅଧିକ ଚିକିତ୍ସା ଆରମ୍ଭ କରାଯାଇଛି।

# ତରଭା ଏନଏସିରେ ସ୍ୱଚ୍ଛତା ହିଁ ସେବା

ତରଭା,(ସବ୍ୟୁ): ତରଭା ବିଜ୍ଞାପିତ ଅଞ୍ଚଳ ପରିଷଦ ରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଅନ୍ତର୍ଗତ ୱାକାଥନ ଓ ଗାନ୍ଧୀ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ସ୍ୱଚ୍ଛତା ହିଁ ସେବା ଲୋଗୋ ଥିବା ଟି ସାର୍ଟ ପରିଧାନ କରି ପରିଷଦର ସମସ୍ତ ନେତୃବୃନ୍ଦ, କର୍ମଚାରୀ, ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ର ଛାତ୍ରୀ ଏବଂ ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତା ସ୍ୱଚ୍ଛତାର ନାରା ଦେଇ ମୁଖ୍ୟ ରାସ୍ତାରେ ପରିଷଦ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ର କରିଥିଲେ । ପରିଷଦ ସମ୍ମୁଖରେ ପହଂଚିବା ପରେ ମାନବ ଶୃଙ୍ଖଳ କରିଥିଲେ । ପରେ ନିର୍ବାହୀ ଅଧିକାରୀ ଲକ୍ଷ୍ମୀକାନ୍ତ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ପରିଷଦ କାର୍ଯ୍ୟାଳୟରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଅଧକ୍ଷ ବନ୍ଦିତା ନାଏକ, ସମ୍ମାନିତ ଅତିଥି ଉପ ନଗରପାଳ ଗଗନ ଅଗ୍ରୱାଲ, ସମସ୍ତ କାଉନସିଲର ଯୋଗ ଦେଇ ସ୍ୱଚ୍ଛତାର ବାର୍ତ୍ତା ପ୍ରଦାନ କରିଥିଲେ । ବିଭିନ୍ନ ସ୍କୁଲର ଛାତ୍ର ଛାତ୍ରୀ ମାନଂକୁ ନେଇ ଜୁନିଅର ଓ ସିନିଅର ବିଭାଗରେ ଅନୁଷ୍ଠିତ ଚିତ୍ରାଙ୍କନ ଓ ଓଡ଼ିଆ ରଚନା ପ୍ରତିଯୋଗିତାର କୃତି ଛାତ୍ର ଛାତ୍ରୀଙ୍କୁ ଅତିଥି ମାନେ ମାନପତ୍ର ଦେଇ ପୁରସ୍କୃତ କରିଥିଲେ । ବଲାଙ୍ଗିରର କ୍ରିଷ୍ଟା ଗ୍ରୁପ ଦ୍ୱାରା ସ୍ୱଚ୍ଛତା ଉପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଏଥିରେ ପରିଷଦର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ । ଉଦଘୋଷାକ ମାନଭଞ୍ଜନ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ପରିମଳ ବିଶେଷଜ୍ଞ ହରିହର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ତିନି ମହଲା କୋଠାକୁ ସିଲ୍ କଲା ବ୍ୟାଙ୍କ

ରାୟଗଡା,(ସବ୍ୟୁ):ରାୟଗଡା ସହରର ରାଣିଗୁଡ଼ା ଫାର୍ମ ଅନ୍ତର୍ଗତ ମଙ୍ଗଳା ମନ୍ଦିର ପଛପଟ ଏକ ତିନିମହଲା ଘରକୁ ଖାଲି କରି ଉକ୍ତ ସମ୍ପତ୍ତିକୁ ନିଜ ଅକ୍ତିଆରକୁ ନେଇଛି ବ୍ୟାଙ୍କ୍ ଅଫ ବାରୋଦା କର୍ତ୍ତୃପକ୍ଷ । ସୂଚନା ମୁତାବକ ଉକ୍ତ ଘର ମାୟରା ମାର୍ଟ ମାଲିକ ମହମ୍ମଦ ମୁର୍ତ୍ତାଜାଙ୍କର । ମହମ୍ମଦ ଏହି ଘର ବାବଦକୁ ବ୍ୟାଙ୍କ୍ ଅଫ ବରୋଦାଠାରୁ ୨୭ ମାର୍ଚ୍ଚ ୨୦୧୭ ରେ ୯୧ ଲକ୍ଷ ଟଙ୍କା ଋଣ ଉଠାଇଥିଲେ । କିନ୍ତୁ ଉକ୍ତ ଋଣ ଅର୍ଥ ରାଶିର ୮୮ ଲକ୍ଷ ୨୬ ହଜାର ୩୨୪ ଟଙ୍କ ବକେୟା ଥିବା ନେଇ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତାଙ୍କୁ ଚଳିତ ବର୍ଷ ସେପ୍ଟେମ୍ବର ୦୬ ତାରିଖ ପର୍ଯ୍ୟନ୍ତ ସମୟ ଦେଇଥିଲେ ପରିଶୋଧ କରିବାକୁ । କିନ୍ତୁ ଉକ୍ତ ଘର ମାଲିକ ମହମ୍ମଦ କୌଣସି ଅର୍ଥ ବ୍ୟାଙ୍କରେ ପୈଠ କରିନଥିଲେ । ଫଳରେ ବ୍ୟାଙ୍କ୍ କର୍ତ୍ତୃପକ୍ଷ ତରଫରୁ ଏକ ଟିମ୍ ରାୟଗଡା ପୋଲିସ ଏବଂ ମାଜିଷ୍ଟ୍ରେଟଙ୍କ ସହାୟତାରେ ଘରେ ରହୁଥିବା ଭଡ଼ାଟିଆଙ୍କୁ ଖାଲି କରିବାକୁ କହିଥିଲେ । ଏହି ତିନିମହଲା କୋଠାରେ ପ୍ରାୟ ୬ ଟି ପରିବାର ରହୁଥିବା ବେଳେ ବ୍ୟାଙ୍କ୍ କର୍ତ୍ତୃପକ୍ଷଙ୍କ ଉପସ୍ଥିତିରେ ଉକ୍ତ ଘର ଖାଲିକରି ସିଲ କରିଥିଲେ । ଏହି ତିନିମହଲା କୋଠକୁ ବର୍ତ୍ତମାନ ବ୍ୟାଙ୍କ୍ ନିଜ ଅଧିନକୁ ନେଇଥିବା ବ୍ୟାଙ୍କ୍ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଅବିଭକ୍ତ କୋରାପୁଟ ଜିଲ୍ଲା ବନ୍ଦ ଡାକରା ନେଇ ଜିଲ୍ଲାପାଳ ଓ ଏସପିଙ୍କୁ ସ୍ମାରକୀ ପତ୍ର ପ୍ରଦାନ

କୋରାପୁଟ,(ସବ୍ୟୁ): ଜିଲ୍ଲାଭିତ୍ତିକ ନିଯୁକ୍ତି ଦାବି ନେଇ ଅବିଭକ୍ତ କୋରାପୁଟ ଜିଲ୍ଲାରେ ବନ୍ଦ ଡାକରା ଦିଆଯାଇଛି। ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କୋରାପୁଟ ଜିଲ୍ଲାପାଳ ଓ ଏସପିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି ମିଳିତ କ୍ରିୟାନୁଷ୍ଠାନ କମିଟି । ଶୁକ୍ରବାର ଜିଲ୍ଲା ଭିତ୍ତିକ ନିଯୁକ୍ତି ନେଇ ସକାଳ ୬ଘଣ୍ଟା ଠାରୁ ସନ୍ଧ୍ୟା ୬ଘଣ୍ଟା ପର୍ଯ୍ୟନ୍ତ କୋରାପୁଟ ଜିଲ୍ଲାରେ ଜରୁରୀକାଳୀନ ସେବା ମେଡିକାଲ, ପରୀକ୍ଷା ଛାଡ଼ି ଅଖ ଚକ ,ଦୋକାନ ବଜାର ବନ୍ଦ ରହିବ। ଏହି ବନ୍ଦ ଡାକାରାକୁ ସମସ୍ତ ଧର୍ମ ସଂଗଠନ ସମାଜ ଯୁବଗୋଷ୍ଠୀ ସମର୍ଥନ ଦେଇଛନ୍ତି। ଶାନ୍ତି ଶୃଙ୍ଖଳା ସହ ଆନ୍ଦୋଳନ ହେବ। ଆଗାମୀ ଦିନରେ ସରକାର ନ ଶୁଣିଲେ ସ୍ଥିତି ଭୟଙ୍କର ହେବ କହିଛନ୍ତି ମିଳିତ କ୍ରିୟାନୁଷ୍ଠାନ କମିଟିର ଆବାହକ ରୂପକ ତୁରୁକ। ଦାବିପତ୍ର ପ୍ରଦାନ ସମୟରେ ଆବାହକ ଶିବ ମୁଦୁଲି, ମନୋଜ ଆଚାର୍ଯ୍ୟ,ନିମାଇଁ ସରକାର,ବାବୁଲା ବେନିଆ,ରମେଶ ବାଖ୍ୟା ଓ ସମାଜସେବୀ ଶଙ୍କର ସାଉଁନ୍ତାଙ୍କ ସମେତ କମିଟିର ଅନେକ ସଦସ୍ୟ ଉପସ୍ଥିତ ଥିଲେ ।

# ମାର ପିଟ୍ ଅଭିଯୋଗରେ ଦୁଇ ଗିରଫ

ଜମନକିରା,(ସବ୍ୟୁ): ଜମନକିରା ଥାନା ସଦର ମହକୁମାରେ ବୁଧବାର ମାର ପିଟ ଅଭିଯୋଗରେ ୨ ଟି ମାମଲା ରୁଜୁ ହୋଇଛି । ଦୁଇ ଅଭିଯୁକ୍ତ ଙ୍କ ନାମରେ ଦୁଇଟି ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରାଯାଇଛି। ତେବେ ଜାମିନ ନାମଞ୍ଜୁର ହେବାରୁ ବିଚାର ବିଭାଗ କୋର୍ଟ ହାଜତକୁ ପଠାଇ ଦିଆଯାଇଛି। ଏନେଇ ଅଧିକ ତଦନ୍ତ ଚାଲିଥିବା ନେଇ ଥାନା ଅଧିକାରୀ ପଦ୍ମାଳୟା ସାହୁ ପ୍ରକାଶ କରିଛନ୍ତି। ପୋଲିସର ସୂଚନା ଅନୁଯାୟୀ ବୁଧବାର ସାଢ଼େ ୧ ଟା ସମୟରେ ଜମନକିରା ମୁଖ୍ୟ ଛକରେ କୌଣସି କାରଣ ବଶତଃ ଜଗନ୍ନାଥପଡ଼ାର ଲିଗନ୍ ନାଏକ ଓରଫ ଗାମଲ୍ (୩୦) ସହ ହନୁମାନପଡ଼ାର ସନ୍ଦୀପ ପଲେଇ (୩୪)ଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ମାରପିଟ କରିବା ସହ ଲହୁ ଲୁହାଣ କରି ପକାଇଥିଲେ। ଏଥିସହ ଉଭୟେ ଉଭୟଙ୍କୁ ଜୀବନରେ ମାରି ଦେବା ପାଇଁ ଧମକ ପୂର୍ଣ୍ଣ ଚେତାବନୀ ଦେଇଥିଲେ। ଏଥି ପାଇଁ ଉଭୟ ପଟୁ ଦୁଇଟି ମାମଲା ଜମନକିରା ଥାନାରେ ରୁଜୁ ହୋଇଛି।

# ମଞ୍ଜୁଲତା ସାହୁଙ୍କ ପରଲୋକ

ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସଦରବ୍ଲକ ଅନ୍ତର୍ଗତ କୁଟୁମଡୋଲା ନିବାସୀ ଧର୍ମ ପରାୟଣା ମହିଳା ମଞ୍ଜୁଲତା ସାହୁ (୫୦)ଙ୍କ ବୁଧବାର ପରଲୋକ ହୋଇଯାଇଛି । ଅସୁସ୍ଥତା ଯୋଗୁଁ ମଞ୍ଜୁଲତା ସାହୁ ବଲାଙ୍ଗିରର ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ଶେଷ ସମୟରେ ତାଙ୍କ ପୁତ୍ର ସୌମ୍ୟ ରଂଜନ, ବୋହୁ ରୋଜାଲିନ, ଝିଅ ରାକ୍ଷୀ, ଜ୍ୱାଇଁ କାହ୍ନୁ ଚରଣ ଓ ପରିବାରର ଅନ୍ୟାନ୍ୟ ସଦସ୍ୟଙ୍କ ମଧ୍ୟରେ ଅକୃର ସାହୁ, ନନ୍ଦ କିଶୋର ସାହୁ, ଧନଞ୍ଜୟ ସାହୁ, ମଧୁସୁଦନ ସାହୁ, ଜୟଗୋପାଳ ସାହୁ, ବିଜୟ ସାହୁ, ଶୁଭ୍ରାଂଶୁ ସାହୁ, ବିପୁଳ ସାହୁ, ବୀଣା ସାହୁ, ବିଷ ସାହୁଙ୍କ ସମେତ ଆତ୍ମୀୟ ସ୍ୱଜନ ଉପସ୍ଥିତ ଥିଲେ । ତାଙ୍କର ଏକମାତ୍ର ପୁତ୍ର ସୌମ୍ୟ ରଂଜନ ମୁଖାଗ୍ନି ଦେଇଥିଲେ ।

# ଯୁଗେ ଯୁଗେ ବଞ୍ଚି ରହିବ ଗାନ୍ଧୀ ବିଚାର



ବଲାଙ୍ଗିର,(ସବ୍ୟୁ): ଗାନ୍ଧୀ ବିଚାରଧାରାରେ ହିଂସାର ସ୍ଥାନ ନାହିଁ। କେବଳ ଅହିଂସା ଦ୍ୱାରା ଯାହା କିଛି କରାଯାଇପାରେ। ସମଗ୍ର ବିଶ୍ୱରେ ଗାନ୍ଧୀ ଚିନ୍ତାଧାରା ଅନନ୍ୟ। ଏହା ଯୁଗେ ଯୁଗେ ଅମର ହୋଇ ରହିଥିବ। ସେହିପରି ମହାନ ଜନନାୟକ ଲାଲ ବାହାଦୁର ଶାସ୍ତ୍ରୀଙ୍କ ତ୍ୟାଗ ଓ ବଳିଦାନ ଅତୁଳନୀୟ ବୋଲି ବଲାଙ୍ଗିର ଗାନ୍ଧୀ ସ୍ମୃତି କମିଟି ପକ୍ଷରୁ ଆୟୋଜିତ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ଅବସରରେ ମତପ୍ରକାଶ ପାଇଛି।

ସ୍ଥାନୀୟ ଗାନ୍ଧୀ ଭବନ ସମ୍ମୁଖରେ ଥିବା ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ସ୍ମୃତି କମିଟିର ସଭାପତି ବିଶିଷ୍ଟ ସୂଚନା କର୍ମୀ ହେମନ୍ତ ପଣ୍ଡାଙ୍କ ସଭାପତିତ୍ୱରେ ବକ୍ତାମାନେ ଗାନ୍ଧୀଙ୍କ ବିଚାରାଧାରା ଓ ସାମ୍ପ୍ରତୀକ ସମାଜରେ ଏହାର ପ୍ରଭାବ ସମ୍ପର୍କରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସୁରେନ୍ଦ୍ର ନେଗୀ, ନରେନ୍ଦ୍ର କବାଟ, ଡ.ବିପିନ କୁଶଲିଆ, ବିଧୁଭୂଷଣ ତ୍ରିପାଠୀ, ବରିଷ୍ଠ ସାମ୍ବାଦିକ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ବାବୁ ପୂଜାରୀ, ଆବାହକ ଯୁଯେଷ୍ଟି ମେହେର, ଶରତଚନ୍ଦ୍ର ମିଶ୍ର, ସତ୍ୟରଞ୍ଜନ ମିଶ୍ର, ପୂର୍ଣ୍ଣ ବିଶ୍ୱାଳ, ମନରଞ୍ଜନ ପୁରୋହିତ, ଗୁପ୍ତେଶ୍ୱର ପୃଷ୍ଟି, ଗାନ୍ଧୀ ଭବନ ପାଠ ଫୋରମ୍ମର ସଦସ୍ୟ/ସଦସ୍ୟାମାନେ ଉପସ୍ଥିତ ଥିଲେ। ଶେଷରେ ସାମ୍ବାଦିକ ବିଭୁ କଲ୍ୟାଣ ଗଡ଼ତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ।

# ପାର୍ବଣରେ ସଜେଇ ହେଉଛି ପୂଜା ମେଢ଼



ସିନାପାଲି,(ସବ୍ୟୁ): ଆଉ କିଛି ଦିନର ଅପେକ୍ଷା । ଚତୁର୍ଦ୍ଦିଗ ପ୍ରକମ୍ପିତ ହୋଇ ଉଠିବ ଘଣ୍ଟଘଣ୍ଟା, ଢୋଲ ଓ ମହୁରୀର ତାଳେ ତାଳେ ମୁଖରିତ ହେବ ଗାଁ ଦାଣ୍ଡ । ଧୂପ ଓ ଝୁଣାରେ ମହକି ଉଠିବ ପୁରପଲ୍ଲୀ । ଧରାପୃଷ୍ଠକୁ ଆଗମନ କରିବେ ମାଁ ଜଗତଜନନୀ ଦୁର୍ଗା । ମାଁଙ୍କ ପୂଜାର୍ଚ୍ଚନା ପାଇଁ ବିଭିନ୍ନ ପୂଜା କମିଟି ପ୍ରସ୍ତୁତିରେ ଲାଗି ପଡିଛନ୍ତି । ଶରତ ଋତୁ ଆଗମନରେ ସବୁଆଡେ ପାର୍ବଣର ମାହୋଲ। । ଧିରେ ଧିରେ ପବନର ସ୍ପର୍ଶରେ କାଶତଣ୍ଡୀ ଫୁଲର ସୌନ୍ଦର୍ଯ୍ୟ ଚାରିଆଡେ ଖେଳି ଯାଇଛି । ଅପେକ୍ଷାର ଅନ୍ତ ଘଟାଇ ଧରା ପୃଷ୍ଠକୁ ବିରାଜିବେ ଜଗତଜନନୀ ମାଦୁର୍ଗା । ମାଁ ଙ୍କ ଆଗମନକୁ ନେଇ ସବୁ ଆଡେ ଏବେ ଖୁସିର ମାହୋଲ ଜମିଲାଣି ।

ନୂଆପଡା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଐତିହାସିକ କଳା ସଂସ୍କୃତିର ମାଟି ଗଣ୍ଡତାବାହାଲି ଠାରେ ଚଳିତ ବର୍ଷ ମହା ଆଡମ୍ବରରେ ଅନୁଷ୍ଠିତ ହେବ ମାଁଙ୍କ ଦୁର୍ଗାପୂଜା । ଦୀର୍ଘଦିନ ଧରି ଅଞ୍ଚଳରେ ଗଣ୍ଡତାବାହାଲି ସାର୍ବଜନୀନ ଦୁର୍ଗା ପୂଜା ଅନୁଷ୍ଠିତ ହୋଇ ଆସୁଅଛି । ଚଳିତ ବର୍ଷ ବିଶେଷ ଆର୍କଷଣର କେନ୍ଦ୍ରବିନ୍ଦୁ ସାଜେ ପୂଜାମେଢ । ଅଞ୍ଚଳର କୁଶଳୀ କାରିଗରୀ ତିଆରି କରୁଛନ୍ତି ଚିତ୍ତାକର୍ଷକ ସାଜସଜ୍ଜା ଏବଂ ମାଁଙ୍କ ତୋରଣ ଝଲସି ଉଠୁଛି । ବାଉଁଶ ଓ କପଡ଼ାରେ ଅନେକ ଚିତ୍ର ବିଚିତ୍ର କଳାକୁ ମନୋରମ ଢ଼ଙ୍ଗରେ କାରିଗର ମାନେ ଆଙ୍କି ତିଆରି କରୁଛନ୍ତି ସୁନ୍ଦର ମେଢ଼ । ସତେ ଯେମିତି ମାଁଙ୍କ ବାଟକୁ ଚାହିଁ ରହିଛି ପୂଜା ମେଢ ,କେବେ ମାଁ ଆସିବେ । ମାଁ ଯେତେବେଳେ ପୂଜାସ୍ଥଳରେ ବସିବେ ପୂଜାମେଢ଼ର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହେବ ବୋଲି ଦର୍ଶକମହଲରେ ଚର୍ଚ୍ଚା ହେଉଛି । ମୂର୍ତ୍ତି କାରିଗର ମଧ ଭାବ ବିହ୍ୱଳ ହୋଇ ମାଁକୁ ସଜେଇ ଦେଉଛି ନିଜର ହସ୍ତର ସମସ୍ତ କାରିଗରୀ ବିଦ୍ୟା । ନୂଆଁ ରୂପ ଦେବା ,ଯେଉଁ ରୂପରେ ଜଗତଜନନୀ ମାଁ ଦୁର୍ଗା ଅତିସୁନ୍ଦର ଦିଶିବେ ସେ ଦିଗରେ ଚିନ୍ତା କରୁଛି । ସ୍ଥାନୀୟ କମିଟି ସଭାପତି ଟଙ୍କଧର ମେହେରଙ୍କ ସୂଚନା ଅନୁସାରେ ମାଁଙ୍କ ପୀଠରେ ସପ୍ତମୀ ତିଥି ଠାରୁ ପୂଜା ଆରମ୍ଭ ହେବ । ଚଳିତ ବର୍ଷ ଅନେକ ସାଂସ୍କୃତିକ କାର୍ଯ୍ୟକ୍ରମମାନ ଦର୍ଶକଙ୍କୁ ଆକର୍ଷିତ କରିବା ସହ ଭକ୍ତ ଶ୍ରଦ୍ଧାଳୁମାନଙ୍କ ଭିଡ଼ ଜମିବ ବୋଲି ଆଶା ପ୍ରକାଶ କରୁଛନ୍ତି ।

# ମାଉଲୀ ମାଁଙ୍କ ମୂର୍ତ୍ତି ଚୋରି

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର କୁଲୁଥକାନୀ ସ୍ଥିତ ମାଉଲୀ ମାଁଙ୍କ ମନ୍ଦିରରୁ ମୂର୍ତ୍ତି ଚୋରି ହୋଇଯାଇଛି । ଏନେଇ ସ୍ଥାନୀୟ ଅଞ୍ଚଳ ଲୋକେ ଧନୁପାଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଭୁତାପଡା, ମୋତିଝରଣ, ସୁନାପାଲି ଅଞ୍ଚଳର ଲୋକେ ଦୀର୍ଘ ବର୍ଷ ହେବ ମାଁଙ୍କୁ ପୂଜା କରି ଆସୁଥିଲେ । ତେବେ କେହି ମାଉଲୀ ମାଁଙ୍କ ମୂର୍ତ୍ତି ଚୋରି କରି ନେବା ପରେ ତାଙ୍କ ଆସ୍ଥା ଓ ବିଶ୍ୱାସ ଉପରେ ଆଘାତ ଲାଗିଛି । ତେଣୁ ତୁରନ୍ତ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଅଚ୍ୟୁତାନନ୍ଦ ଭୋଇ, ପିଣ୍ଟୁ ଓରାମ, ସନ୍ତୋଷ ମୁଣ୍ଡା, ବାବୁଲୁ ମୁଣ୍ଡା, ରାଜୁ ମୁଣ୍ଡା, ସନ୍ତୋଷ ମହାକୁଡ, ପ୍ରକାଶ ବାଗ ପ୍ରମୁଖ ଦାବି କରିଛନ୍ତି ।

# ହୀରାକୁଦ ବ୍ଲଡ ଡୋନର୍ସ ପକ୍ଷରୁ ୯୭ ୟୁନିଟ୍ ରକ୍ତଦାନ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଜିଲ୍ଲା ହୀରାକୁଦ ସ୍ଥିତ ଦୁର୍ଗା ମନ୍ଦିର ଛକ ନିକଟ କଲ୍ୟାଣ ମଣ୍ଡପରେ ଗାନ୍ଧି ଜୟନ୍ତୀ ଅବସରରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ହୀରାକୁଦ ବ୍ଲଡ ଡୋନର୍ସ ଗ୍ରୁପ ପକ୍ଷରୁ ଆୟୋଜିତ ଏହି ଶିବିରରେ ମୋଟ ୯୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା । ବରିଷ୍ଠ ସମାଜସେବୀ ଜଗଦିଶ ମିଶ୍ର, ଡୋନର୍ସ ଗ୍ରୁପର ହର କେ. ସାଇପ୍ରସାଦ ରାଓ, ଯୋସେଫ ପ୍ରଧାନ, ମନୋଜ ପ୍ରଧାନ, ସତ୍ୟପ୍ରିୟ ପାଣ୍ଡେ, ଶିବ ଗୋବିନ୍ଦ, ପ୍ରତିମା ପ୍ରଧାନ, ଝୁନୀ ପଣ୍ଡା, ଗୀତାଞ୍ଜଳି ମହାପାତ୍ର ଓ ତ୍ରିବେଣୀ ପଣ୍ଡା ପ୍ରମୁଖ ଶିବିର ପରିଚାଳନା କରିଥିଲେ ।

# ଗାନ୍ଧିଙ୍କ ବିଚାର ସର୍ବତ୍ର ବିଦ୍ୟମାନ

ବରଗଡ, (ସବ୍ୟୁ) : ଗାନ୍ଧୀ ଓ ଗାନ୍ଧୀଙ୍କ ବିଚାରର ପ୍ରାସଙ୍ଗିକତା ସଦାସର୍ବଦା ରହିଛି । ବରଗଡ ଗାନ୍ଧୀ ସ୍ମୃତି ପାଠାଗାର ପକ୍ଷରୁ ଗାନ୍ଧୀ ଓ ଶାସ୍ତ୍ରୀ ଜୟନ୍ତୀ ସଭା ହୋଇଥିଲା । ପାଠାଗାରର ସଭାପତି ବିମ୍ବାଧର କୁଅଁରଙ୍କ ସଭାପତିତ୍ୱ ଓ ସମ୍ପାଦକ ବିକ୍ରମାଦିତ୍ୟ ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଜୟନ୍ତୀ ସଭାରେ ଅତିଥି ବକ୍ତା ଭାବରେ ଯୋଗଦେଇ ଶିକ୍ଷାବିତ ପ୍ରଫେସର ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ପ୍ରଫେସର ଡ.ରାମଶରଣ ହୋତା ଉଭୟ ମହାତ୍ମା ଗାନ୍ଧୀ ଓ ଲାଲ ବାହାଦୁର ଶାସ୍ତ୍ରୀଙ୍କୁ ଶ୍ରଦ୍ଧାଞ୍ଜଳୀ ଦେବାସହ ଉଭୟଙ୍କୁ ସର୍ବକାଳୀନ ମହାନ୍ ଜନ ନାୟକ ବୋଲି ଅଭିହିତ କରିଥିଲେ । ସେମାନେ କହିଥିଲେ ଯେ ଗାନ୍ଧୀ ଜଣେ ଅଦ୍ୱିତୀୟ ନେତା ଥିଲେ ଯିଏକି ଜୀବନ ରେ ଯେତେ ଝଡ଼ ଝଂଜା ଆସିଥିଲେ ମଧ ନିଜର ବିଚାର ରେ କେବେ ସାଲିସ କରୁନଥିଲେ । ତାଙ୍କର ଏହି ସତ୍ୟ ,ଅହିଂସା ମାର୍ଗ ରେ ସାଲିସ ବିହୀନ ସଂଘର୍ଷ ଆଗରେ ଇଂରେଜ ମାନେ ମଥାନତ ହେବାକୁ ବାଧ ହୋଇଥିଲେ । ତେଣୁ ତାଙ୍କର ଯେଉଁ ବିଚାରଧାରା ତାହା ଚିର ସବୁଜ ଅମ୍ଳାନ ଅଟେ ଏବଂ ଯୁଗ ଯୁଗ ପାଇଁ ଉପଯୋଗୀ ହୋଇ କାଳଜୟୀ ହୋଇ ରହିଛି ଏବଂ ରହିବ ମଧ । ସଭା ପ୍ରାରମ୍ଭରେ ପାଠାଗାର ସଦସ୍ୟ ତଥା ପଞ୍ଚାୟତ ମହାବିଦ୍ୟାଳୟ ର ନିବର୍ତମାନ ଅଧକ୍ଷ ପତିତପାବନ ସାହୁ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ଶ୍ରୀ ପଣ୍ଡା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ମୁରିବାହାଲ ବ୍ଲକ ଅଧକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସଙ୍ଗ

# ଆଲୋଚନା ପାଇଁ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ପଞ୍ଚାୟତ ସମିତି ଅଧକ୍ଷ ହରିବନ୍ଧୁ ମେହେରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ ପାଇଁ ୧୫ ସମିତି ସଭ୍ୟ ଓ ୯ ସରପଞ୍ଚ ଟିଟିଲାଗଡ ଉପଜିଲ୍ଲାପାଳ ରେହାନ ଖେତ୍ରିଙ୍କୁ ଗତ ସେପ୍ଟେମ୍ବର ୧୩ରେ ଏକ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତ ସମିତି ଅଧିନିୟମ ୧୯୫୯ର ଧାରା ୪୬(ଖ)ର ଉପଧାରା(୨)(ଗ) ଅନୁଯାୟୀ ଏହି ଅନାସ୍ଥା ପ୍ରସ୍ତାବ ସମ୍ପର୍କରେ ବିଚାର ଆଲୋଚନା ପାଇଁ ଆସନ୍ତା ୦୯ତାରିଖ ବୁଧବାର ପଞ୍ଚାୟତ ସମିତିର ଏକ ସ୍ୱତନ୍ତ୍ର ଅଧିବେଶନ ଡକାଯାଇଛି। ଉପଜିଲ୍ଲାପାଳଙ୍କୁ ଦିଆଯାଇଥିବା ଦାବିପତ୍ର ମୁତାବକ ବ୍ଲକ ଉପାଧକ୍ଷା ଯାଜ୍ଞସେନୀ ହାତୀଙ୍କ ସଭାପତିତ୍ୱରେ ୧୫ ସମିତି ସଭ୍ୟ/ସଭ୍ୟା ଓ ୯ ସରପଞ୍ଚଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବ୍ଲକ ଅଧକ୍ଷଙ୍କ ଦୈନନ୍ଦିନ ସମିତି କାର୍ଯ୍ୟକଳାପ, ବ୍ଲକ ପରିଚାଳନାରେ ତ୍ରୁଟି ସମ୍ପର୍କରେ ଆଲୋଚନା କରାଯିବା ସହ ବ୍ଲକ ଅଧକ୍ଷଙ୍କୁ ଏ ବିଷୟରେ ପଚାରିଲେ ସେ ଶୁଣୁ ନ ଥିବା ଅଭିଯୋଗ ହୋଇଥିଲା। ଏଣୁ ସମିତି ସଭ୍ୟ ଓ ସରପଞ୍ଚମାନଙ୍କର ଅଧକ୍ଷଙ୍କ ଉପରେ ଆସ୍ଥା ନ ଥିବାରୁ ସମିତି ଅଞ୍ଚଳର ଉନ୍ନତି ତଥା ଜନସାଧାରଣଙ୍କ ହିତ ଦୃଷ୍ଟିରୁ ବର୍ତ୍ତମାନର ଅଧକ୍ଷ ଶ୍ରୀ ମେହେରଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆଗତ କରିବା ପାଇଁ ଆଲୋଚନା ହୋଇଥିଲା। ଅନାସ୍ଥା ପ୍ରସ୍ତାବରେ ଅଧକ୍ଷଙ୍କୁ ପଦଚ୍ୟୁତ କରିବା ପାଇଁ ଆଲୋଚନା ସର୍ବସମ୍ମତିରେ ଗୃହୀତ ହେବା ପରେ ବିହିତ ପଦକ୍ଷେପ ନେବାକୁ ଉପଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ଅନାସ୍ଥା ଅଭିଯୋଗକାରୀ ସମସ୍ତ ସରପଞ୍ଚ,ସମିତି ସଭ୍ୟଙ୍କ ଦସ୍ତଖତ ଯାଞ୍ଚ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ରିପୋର୍ଟ ଦେବା ପାଇଁ ବିଡ଼ିଓ ପୂର୍ଣାନନ୍ଦ ପଟେଲଙ୍କୁ ଉପଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଡ଼ିଓ ସମସ୍ତ ରିପୋର୍ଟ ଦେବାପରେ ଏହି ସ୍ତନ୍ତ୍ର ଅଧିବେଶନ ଡକାଯାଇଛି। ଆସନ୍ତା ୦୯ତାରିଖ ଦିନ ୧୦ଟାରେ ବ୍ଲକ ଅଫିସ ସଭଗୃହରେ ଏହି ଅଧିବେଶନ ଅନୁଷ୍ଠିତ ହେବ। ଏ ବିଷୟରେ ଉପଜିଲ୍ଲାପାଳ ବିଡ଼ିଓଙ୍କ ସମେତ ସମସ୍ତ ସଦସ୍ୟଙ୍କୁ ଅବଗତ କରିଥିବା ଜଣାପଡିଛି। ମୁରିବାହାଲ ତହସିଲଦାର ଜଗଦୀଶ କର୍ଣ୍ଣାମିଙ୍କୁ ବୈଠକରେ ସଭାପତିତ୍ୱ ତଥା ମାଜିଷ୍ଟ୍ରେଟ ଦାୟିତ୍ୱରେ ଓ ମୁରିବାହାଲ ଥାନା ପୁଲିସକୁ ଆଇନଶୃଙ୍ଖଳା ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶ ଦିଆଯାଇଛି। ସମଗ୍ର ବ୍ଲକର ୨୨ଜଣ ସରପଞ୍ଚ,୨୧ଜଣ ସମିତି ସଭ୍ୟଙ୍କ ସହ କଣ୍ଟାବାଞ୍ଜି ବିଧାୟକ ଓ ବଲାଙ୍ଗିର ଲୋକସଭା ସାଂସଦଙ୍କ ସହ ମୋଟ ୪୫ଜଣ ସଦସ୍ୟ/ସଦସ୍ୟାଙ୍କୁ ଏହି ସ୍ୱତନ୍ତ୍ର ଅଧିବେଶନରେ ଯୋଗଦେବା ପାଇଁ ଜଣାଇ ଦିଆଯାଇଛି। ଅନ୍ୟ ପକ୍ଷରେ ଅନାସ୍ଥା ପ୍ରସ୍ତାବ ଆଗତ କରିଥିବା ସମସ୍ତ ୨୪ଜଣ ଲୋକପ୍ରତିନିଧି କିଛି ଦିନ ଗାୟବ ରହିବା ପରେ କିଛି ସରପଞ୍ଚ,ସମିତି ସଭ୍ୟ ବ୍ଲକ ଅଞ୍ଚଳରେ ସବୁଦିନ ବୁଲାବୁଲି କରୁଥିବାରୁ ସେମାନଙ୍କ ପାଖରେ ୨୪ରୁ ମଧ ଅଧିକ ଲୋକ ପ୍ରତିନିଧିଙ୍କ ସମର୍ଥନ ଥିବା ଓ ବିରୋଧୀ ଅସ୍ତ୍ରତ୍ୟାଗ କରିଥିବା ଆଲୋଚନା ହେଉଛି। ଅନ୍ୟପକ୍ଷରେ ସେହି ଦିନ ହିଁ ଗୋଇମୁଣ୍ଡରେ ଅନ୍ୟ ବାଦ୍ ୧୩ସରପଞ୍ଚମାନଙ୍କୁ ନେଇ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପୂର୍ବ ସଂଘର କାର୍ଯ୍ୟରେ ଅସନ୍ତୁଷ୍ଟ ପ୍ରକାଶ କରି ସଙ୍ଘର ନୂତନ କର୍ମକର୍ତ୍ତା ଚୟନ ପାଇଁ ପ୍ରସ୍ତାବ ଆଗତ କରାଯାଇଥିଲା । ବ୍ଲକର ୧୩ଗୋଟି ସରପଞ୍ଚଙ୍କୁ ନେଇ ପୁରୁଣା ସରପଞ୍ଚ ସଂଘକୁ ସମ୍ପୂର୍ଣ ରୂପେ ଭାଙ୍ଗି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ନୂତନ କର୍ମକର୍ତ୍ତା ଚୟନର ପୂର୍ଣ୍ଣାଙ୍ଗ ପ୍ରସ୍ତାବର ଏକକିତା ନକଲ ମୁରିବାହାଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣାନନ୍ଦ ପଟେଲଙ୍କୁ ପ୍ରଦାନ କରାଯାଇଥିଲା। ବ୍ଲକ ଅଧକ୍ଷ ଓ ଉପାଧକ୍ଷାଙ୍କ ମଧ୍ୟରେ ଆରମ୍ଭରୁ ଅତ୍ୟନ୍ତ ଭଲ ସମ୍ପର୍କ ଥିବା ବେଳେ ଆଗାମୀ ଅଢେଇ ବର୍ଷ ନିଜେ ସୁରକ୍ଷିତ ରହିବା ପାଇଁ ବ୍ଲକ ଅଧକ୍ଷ ଶ୍ରୀ ମେହେର ହିଁ ଏହି ଅନାସ୍ଥା ପ୍ରସ୍ତାବ ନାଟକ କରିଥିବା ସବୁଠି ଚର୍ଚ୍ଚା ହେଉଛି। ଆଗାମୀ ଦିନରେ ବିଧାୟକ, ସାଂସଦଙ୍କ ସହ ବ୍ଲକ ଅଧକ୍ଷ,ପରାଜିତ ବ୍ଲକ ଅଧକ୍ଷ,ଦୁଇ ସରପଞ୍ଚ ଗୋଷ୍ଠୀ ଓ ସମିତି ସଭ୍ୟମାନଙ୍କ ଭୂମିକାକୁ ନେଇ ମୁରିବାହାଲ ବ୍ଲକ ରାଜନୀତି ଭିନ୍ନ ମୋଡ଼ ନେବ ବୋଲି ଆଲୋଚନା ହେଉଛି।

# ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଉଦ୍‌ଘାଟିତ



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଓଡିଶା ଲଳିତ କଳା ଏକାଡେମୀ ଆଞ୍ଚଳିକ ଆର୍ଟ ଗ୍ୟାଲେରୀ ଠାରେ ଯୁବ ଚିତ୍ରଶିଳ୍ପୀ ମାନଙ୍କ ଉଦ୍ୟମରେ ଚିତ୍ରକଳା ପ୍ରଦର୍ଶନୀ ଆବାହନୀ ଉଦ୍ଘାଟିତ ହୋଇଯାଇଛି । ବିଶିଷ୍ଟ ଚିତ୍ରଶିଳ୍ପୀ ଭୋଲାନାଥ ନାୟକ ମୁଖ୍ୟ ଅତିଥି, ରାଧାରମଣ ମୁଦୁଲି, ପ୍ରଶାନ୍ତ ମାଝୀ, ସଞ୍ଜୟ ସାହୁ, ପବିତ୍ର ବେହେରା, ସୁଦାମ ପଣ୍ଡା, ଜଗନ୍ନାଥ ବେହେରା ଓ ପ୍ରଦୀପ୍ତ ମୋହନ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଶୁଭ ଉଦ୍ଘାଟନ କରିଥିଲେ । ଆର୍ଟ ଗ୍ୟାଲେରୀର ବିଦ୍ୟାପତି ପ୍ରଧାନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମିନାକ୍ଷୀ ପାଣିଗ୍ରାହୀ ସଂଯୋଜନା କରିଥିଲେ । ଏହା ଆସନ୍ତା ୮ତାରିଖ ପର୍ଯ୍ୟନ୍ତ ପୂର୍ବାହ୍ନ ୧୧ଟାରୁ ରାତି ୭ଟା ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ପାଇଁ ଖୋଲା ରହିବ । ଆସନ୍ତା ୬ତାରିଖରେ ଗୌରୀ ଶଙ୍କର ସାହାଣୀ ପାର୍କ ଠାରେ ବିଦ୍ୟାଳୟ, ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରୀୟ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ଆବାହକ କୁଳଦୀପ ବର୍ମା ସୂଚନା ଦେଇଛନ୍ତି ।

# ଜିଏମ୍‌ୟୁର ଚତୁର୍ଥ ସମାବର୍ତ୍ତନ ସମାରୋହ




ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ)ର ଅମୃତ ବିହାର ପରିସରରେ ୪ର୍ଥ ସମାବର୍ତ୍ତନ ସମାରୋହ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟ ଅତିଥି ଭାବେ ୟୁନିର୍ଭସିଟି ଅଫ୍ ହାଇଦ୍ରାବାଦର କୁଳପତି ପ୍ରଫେସର ବାସୁଠକ୍‌ର ଜେ. ରାଓ ଯୋଗ ଦେଇ ମନ ଓ ଚିନ୍ତାଧାରା ସର୍ବଦା ସକରାତ୍ମକ ରଖିବା ଉଚିତ୍ । ଫଳରେ ସମାଜର ସମୃଦ୍ଧି ଓ କଲ୍ୟାଣ ହୋଇଥାଏ । ଜାତୀୟ ଶିକ୍ଷା ନୀତି ୨୦୨୦ ଆମ ଶିକ୍ଷା ବ୍ୟବସ୍ଥାରେ ଆବଶ୍ୟକ ପାଠ୍ୟକ୍ରମ ସଂଶୋଧନ କରିବା ଆରମ୍ଭ କରିଛି । ସ୍ୱାଧିନତା ପରେ ପ୍ରଥମ ଥର ପାଇଁ ଭାରତ ନୂତନ ଲକ୍ଷ୍ୟ ହାସଲ କରିବା ଦିଗରେ ଉଭୟ ଆଞ୍ଚଳିକ ଓ ଇଂରାଜୀ ଭାଷାରେ ଶିକ୍ଷାଦାନ ମାଧ୍ୟମରେ ଅଭିଜ୍ଞତା, ସାମଗ୍ରିକ ଶିକ୍ଷାର ବିକାଶ ଉପରେ ଗୁରୁତ୍ୱ ଦିଆଯାଉଛି । ଏହି ବିଶ୍ୱବିଦ୍ୟାଳୟ ଦେଶ ପାଇଁ ଉଦାହରଣ ହୋଇପାରିବ ବୋଲି ତାଙ୍କ ଦୀକ୍ଷାନ୍ତ ଭାଷଣରେ କହିଥିଲେ । ଏହି ଅବସରରେ ୩୪ଜଣଙ୍କୁ ପିଏଚ୍‌ଡି, ୧୪୨ଜଣଙ୍କୁ ଟପ୍ପର ମେଡାଲ ଓ ୩୩ଜଣଙ୍କୁ ସ୍ମୃତି ପଦକ ପ୍ରଦାନ କରାଯାଇଥିଲା । ଜିଏମ୍‌ୟୁ କୁଳପତି ପ୍ରଫେସର ଏନ୍. ନାଗାରାଜୁଙ୍କ ଅଧ୍ୟକ୍ଷତାରେ ସଭା ହୋଇଥିଲା । ଏଥିରେ ସିଣ୍ଡିକେଟ୍ ମେମ୍ବର ପ୍ରଫେସର ଶଙ୍କର ପ୍ରସାଦ ପତି, ପ୍ରଫେସର କାଳିଦାସ ମିଶ୍ର, ପ୍ରଫେସର ସବିତା ତ୍ରିପାଠୀ ଓ ଅଞ୍ଜଳି ତ୍ରିପାଠୀ ପ୍ରମୁଖ ମଂଚାସୀନ ଥିଲେ । ରେଜିଷ୍ଟ୍ରାର ସନତ କୁମାର ନାଏକ ଡିଗ୍ରୀ ତାଲିକା ପାଠ କରିଥିଲେ । ଡେପୁଟି ରେଜିଷ୍ଟ୍ରାର ଉମାଚରଣ ପତି ସଂଯୋଜନା କରିଥିବା ବେଳେ ପିଜି କାଉନସିଲ ପ୍ରଫେସର ଜ୍ଞାନରଞ୍ଜନ ସ୍ୱାଇଁ ଡିଗ୍ରୀ ଘୋଷଣା କରିଥିଲେ ।

## ଦୁର୍ଗାପୂଜା ପୂର୍ବରୁ ଭବ୍ୟ କଳସ ଯାତ୍ରା

# ମୋଟେରରେ ଦଶାବତାର ଦୁର୍ଗାପୂଜା

କୋକସରା,(ସବ୍ୟୁ): ଏବେ ପାର୍ବଣ ଋତୁ ଧରା ପୃଷ୍ଠକୁ ଆସିଛି। ତା'ସହିତ ବିଭିନ୍ନ ସ୍ଥାନରେ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। କୋକସରା ବ୍ଲକ ମୋଟେର ଗ୍ରାମରେ ଚଳିତ ବର୍ଷ ଦଶାବତାର ଦୁର୍ଗା ପୂଜା ମହାସମାରୋହରେ ଆୟୋଜନ ହେଉଥିବା ବେଳେ ଗୁରୁବାର ସକାଳେ ପୂର୍ବ ନିର୍ଦ୍ଧାରିତ ରୀତିନୀତି ଅନୁଯାୟୀ ଅଧିବାସ ଓ ୧୧୦୧ ଭବ୍ୟ କଳସ ଯାତ୍ରା ସହ ଦୁର୍ଗା ପୂଜା ଆରମ୍ଭ ହୋଇଛି। ଦୁର୍ଗା ପୂଜା କମିଟି ପକ୍ଷରୁ ମୁଖ୍ୟ ପୂଜା କର୍ତ୍ତା ରୋହନ ପାଢୟୋଷୀ ଓ ନିହାରିକା ପାଢୟୋଷୀ ସପତ୍ନୀକଙ୍କ ବାସଗୃହରୁ କମିଟି ପକ୍ଷରୁ ବାଟ ବରଣ କରିବା ସହ ଘଣ୍ଟ, ଶଙ୍ଖ ସଂକୀର୍ତ୍ତନ ଦଳର ସମାହାରରେ ଏକ ବର୍ଣ୍ଣାଢ୍ୟ ପରିବେଶ ମଧ୍ୟରେ ପୂଜା ମଣ୍ଡପକୁ ପାଛୋଟି ଆଣିଥିଲେ । ଦଶାବତାର ପୂଜାରେ ମୁଖ୍ୟ କର୍ତ୍ତାଙ୍କ ସମେତ ଅନ୍ୟ ୯ ଜଣ ସପତ୍ନୀକ କର୍ତ୍ତା ଭାବେ ରହିଛନ୍ତି ।

କଳସ ଯାତ୍ରାରେ ଗ୍ରାମ ତଥା ଆଖ ପାଖ ଗାଁର ଶତାଧିକ ମହିଳା, ଯୁବତୀ ମାନେ ୧୧୦୧ କଳସ ଶୋଭାଯାତ୍ରାରେ ଗ୍ରାମ ନିକଟସ୍ଥ ମହାଦେବ ପୋଖରୀରୁ ପଣ୍ଡିତ ବୈଲୋଚନ ପଣ୍ଡାଙ୍କ ମନ୍ତ୍ର ଉଚ୍ଚାରଣ ପରେ ପବିତ୍ର ଜଳ କଳସରେ ନେଇ ପୂଜା ମଣ୍ଡପରେ ସ୍ଥାପନ କରିଥିଲେ।



କଳସ ଯାତ୍ରାରେ ସମସ୍ତ କର୍ତ୍ତା ସପତ୍ନୀକ ଉପସ୍ଥିତ ଥିବା ବେଳେ ପୂଜାକମିଟି ସଭାପତି ଦୁଷ୍ମନ୍ତ ପାଢୟୋଷୀ, ଉପ ସଭାପତି ପୁରୁଷୋତ୍ତମ ଝାଙ୍କର, ସମ୍ପାଦକ ଧର୍ମେନ୍ଦ୍ର ଦାସ, ସହ ସମ୍ପାଦକ ସୌମ୍ୟ ସରାଫ, କୋଷାଧ୍ୟକ୍ଷ ସୁଧାରାମ ସରାଫ ଓ ଅନ୍ୟ କର୍ମକର୍ତ୍ତା ମୋଟେର ଅଞ୍ଚଳର ଗ୍ରାମବାସୀ ମାନେ ଉପସ୍ଥିତ ରହି ମହା ଆଡମ୍ବରରେ ଦୁର୍ଗା ପୂଜା କଳସ ଯାତ୍ରାରେ ସହଯୋଗ କରିଥିଲେ। ମୋଟେର ଫାଣ୍ଡି ପୋଲିସ ପକ୍ଷରୁ ଶାନ୍ତି ଶୃଙ୍ଖଳା ପାଇଁ ପୋଲିସ କର୍ମଚାରୀ ମାନେ ଉପସ୍ଥିତ ଥିଲେ। ଆସନ୍ତା ୧୦ ଦିନ ଦଶାବତାର ଦୁର୍ଗା ପୂଜା ଅବସରରେ ଅନେକ ମନୋରଞ୍ଜନ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି।

# ୨୫ଦଫା ଦାବି ନେଇ ଗୋଲାମୁଣ୍ଡାରୁ ଭୁବନେଶ୍ୱର ପଦଯାତ୍ରା



ଗୋଲାମୁଣ୍ଡା,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ୍ ଅନ୍ତର୍ଗତ ଗୋଲାମୁଣ୍ଡା ଠାକୁରାଣୀ ଗୁଡ଼ି ଠାରୁ ଭୁବନେଶ୍ୱରକୁ ୨୫ ଦଫା ଦାବି ନେଇ ବୁଧବାର ଜନ ସଂଗ୍ରାମ ସମିତି କଳାହାଣ୍ଡି ଦଭାପତି ସାଉଲ୍ ମଙ୍ଗରାଜଙ୍କ ନେତୃତ୍ୱରେ ପଦ ଯାତ୍ରା ଆରମ୍ଭ ହୋଇଥିଲା। ଏହି ପଦ ଯାତ୍ରାରେ ୨୫ ଜଣ ସାମିଲ ହୋଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବେ ବୋଲି ସଭାପତି ଶ୍ରୀ ମଙ୍ଗରାଜ ପ୍ରକାଶ କରିଛନ୍ତି। ଗୋଲାମୁଣ୍ଡା ଠାରୁ ଭୁବନେଶ୍ବରକୁ ପ୍ରାୟ ୫ ଶହ କିଲୋମିଟର ପଦଯାତ୍ରା କରିବାକୁ ୨୫ଦିନ ଲାଗି ପାରେ ବୋଲି କୁହାଯାଇଛି । ଏହି ପଦ ଯାତ୍ରା କଳାହାଣ୍ଡି ଜିଲ୍ଲା ଚାଷୀ ଓ ଜନ ସାଧାରଣଙ୍କ ହିତ ନିମନ୍ତେ କରାଯାଉଛି ବୋଲି ଜଣାପଡ଼ିଛି ।

## ଟ୍ରକ ଡ୍ରାଇଭରକୁ ଆକ୍ରମଣ କରି ଦେଢ଼ ଲକ୍ଷ ଟଙ୍କା ଲୁଟ ଘଟଣା

# ୩ ଅଭିଯୁକ୍ତକୁ ୨ବର୍ଷ ୬ମାସ ସଶ୍ରମ କାରାଦଣ୍ଡାଦେଶ

ମୁରିବାହାଲ,(ସବ୍ୟୁ): ଫେବୃୟାରୀ ୨୦୨୪ରେ ରାୟପୁର– ଗୋପାଳପୁର ୫୯ନମ୍ବର ଜାତୀୟ ରାଜପଥ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ମାଳପଡା ଗ୍ରାମ ଛକ ନିକଟରେ ୪ଜଣ ବାଇକ୍ ଆରୋହୀ ଜଣେ ଟ୍ରକ୍ ଡ୍ରାଇଭରଙ୍କୁ ମରଣାନ୍ତକ ଆକ୍ରମଣ କରି ଦେଢ଼ ଲକ୍ଷ ଟଙ୍କା ସହ ଏକ ଦାମୀ ମୋବାଇଲ ଲୁଟି ନେଇଥଲେ । ଏନେଇ ଥାନାରେ ଅଭିଯୋଗ ହୋଇଥିଲା । ତଦନ୍ତ କରି ପୁଲିସ ବ୍ୟବହୃତ ବାଇକ ସହ ୩ ଡକାୟତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । ଗିରଫ ଡକାୟତମାନେ ଥିଲେ କଣ୍ଟାବାଞ୍ଜି ସହର ନୂଆପଡ଼ାର ରୋହିତ ପାଣ୍ଡେ(୨୧),କଣ୍ଟାବାଞ୍ଜି ଧୋବାପଡ଼ାର ଅର୍ଜୁନ ମଛଖଣ୍ଡ ଓରଫ ଚିନୁ(୨୬) ଓ ବେଳପଡ଼ା ଥାନା ମଧୁପୁର ଗ୍ରାମର ଶ୍ରୀତମ ପାଢ଼ୀ ଓରଫ ଲାଲା(୨୦)। ଏମାନେ ବ୍ୟବହାର କରିଥିବା ଏକ ଏକ୍ସଟ୍ରିମ ୨୦୦ ବାଇକ ଓଡି ୩୧ଜି ୮୪୫୫,ଏକ ଛୁରୀ ଓ ଲୁଟ ମୋବାଇଲ ସିମ ଜବତ କରାଯାଇଥିଲା । ଗିରଫ ଡକାୟତମାନଙ୍କ ନାମରେ ପୂର୍ବରୁ ବିଭିନ୍ନ ଥାନାରେ ସଙ୍ଗୀନ ଦଫାରେ ଅଭିଯୋଗମାନ ରହିଥିଲା । ଏହି ମାମଲାର ବିଚାର କରି ଗୁରୁବାର ମୁରିବାହାଲ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସମସ୍ତ ପ୍ରକାରର ସାକ୍ଷୀ ପ୍ରମାଣ ଆଧାରରେ ଏହି ତିନି ଅଭିଯୁକ୍ତଙ୍କୁ ୨ବର୍ଷ ୬ମାସ ଲେଖାଏଁ ସଶ୍ରମ କାରାଦଣ୍ଡଦେଶ ଶୁଣାଇଛନ୍ତି । କୋର୍ଟ ଅନ୍ୟ ଦୁଇଜଣଙ୍କୁ ଜେଲ୍ ପଠାଇଥିବା ବେଳେ କେବଳ ଅଭିଯୁକ୍ତ ଶ୍ରୀତମ ପାଢୀଙ୍କ ଜାମିନ ଆବେଦନକୁ ମଞ୍ଜୁର କରିଛନ୍ତି। ପୁଲିସର ସୁଚନାମତେ ଏହି ଜିଲ୍ଲା ଆଗଲପୁର ଥାନା ରାଜଆଗଲପୁର ଗ୍ରାମର ଟ୍ରକ ଡ୍ରାଇଭର ତଥା ମାଲିକ ଭରତ ମେହେର(୩୦) କନ୍ଧମାଳ ଜିଲ୍ଲା ଗଣ୍ଡାପିପିଲିରୁ ନିଜର ଟ୍ରକ୍‌ରେ କପା ବୋଝେଇ କରି ଟିଟିଲାଗଡ ରାସ୍ତାରେ ପାଟଣାଗଡ ପର୍ଯ୍ୟନ୍ତ ଆସୁଥିଲେ । ଭୋର ସମୟରେ ସେ ମୁରିବାହାଲ ଥାନା ମାଳପଡା ଗ୍ରାମ ରାସ୍ତା ପାର୍ଶ୍ୱରେ ନିଜ ଟ୍ରକ୍ ଭିତରେ ବିଶ୍ରାମ ନେଇଥିଲେ । ଏହି ସମୟରେ ୪ଜଣ ମୁଖାପିନ୍ଧା ଦୁର୍ବୃତ୍ତ ୨ଟି ବାଇକରେ ଟ୍ରକ୍ ନିକଟକୁ ଆସି ନିଜକୁ ପୁଲିସ ପରିଚୟ ଦେଇ ଭରତଙ୍କୁ ଡାକିଥିଲେ। ଭରତ ଟ୍ରକ୍ ଗେଟ ଖୋଲିବା ସଙ୍ଗେ ସଙ୍ଗେ ଦୁର୍ବୃତ୍ତମାନେ ତାଙ୍କ ମୁହଁରେ ଲଙ୍କା ଗୁଣ୍ଡ ପକାଇ ଦେଇଥିଲେ। ଭରତ ଟ୍ରକର ଆରପଟକୁ ଚାଲିଯିବାକୁ ବସିଥିବା ବେଳେ ସେମାନେ ଧରିଥିବା ଭୁଜାଲି ଓ ଅନ୍ୟ ଧାରୁଆ ଅସ୍ତ୍ରରେ ତାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ଆକ୍ରମଣ କରି ଭରତ ଧରିଥିବା ନଗଦ ଦେଢ଼ ଲକ୍ଷ ଟଙ୍କା ଓ ଏକ ଦାମୀ ମୋବାଇଲ ଲୁଟି ନେଇ ଦ୍ରୁତ ଗତିରେ ବାଇକରେ ଫେରାର ହୋଇଯାଇଥିଲେ। ଗୁରୁତର ଭରତ ଏହା ପରେ ସେମାନଙ୍କ ପିଛା କରି ନିକଟସ୍ଥ ବଙ୍ଗୋମୁଣ୍ଡା ଥାନାକୁ ଯାଇ ଘଟଣା ସମ୍ପର୍କରେ ଜଣାଇଥିଲେ ମଧ ଘଟଣାସ୍ଥଳଟି ମୁରିବାହାଲ ଥାନା ଅନ୍ତର୍ଗତ ହୋଇଥିବାରୁ ତାଙ୍କୁ ମୁରିବାହାଲ ଥାନାରେ ଅଭିଯୋଗ କରିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେ ମୁରିବାହାଲ ଥାନାକୁ ଆସି ଘଟଣା ସମ୍ପର୍କରେ ଲିଖିତ ଏତଲା ଦେଇଥିଲେ। ଭରତଙ୍କ ଏତଲା ଆଧାରରେ ପୁଲିସ ଥାନା କେଶ ନ ୫୫/୨୦୨୪ରେ ଡକାୟତି ସହ ବିଭିନ୍ନ ଦଫାରେ ମାମଲା ରୁଜୁ କରି ଘଟଣାସ୍ଥଳ ପରିଦର୍ଶନ କରି ବିଭିନ୍ନ ଦିଗକୁ ନେଇ ତନାଘନା ତଦନ୍ତ ଜାରି ରଖିଥିଲା । ଏହି ମାମଲାରେ ସଂପୃକ୍ତ ୪ଜଣଙ୍କ ମଧ୍ୟରୁ ୩ଜଣଙ୍କୁ ପୁଲିସ ଦଫା ୩୯୪ ଆଇପିସିରେ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ସମସ୍ତଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନା ଆଇଆଇସି ସିପୋରା ସରାୟ ଲୁଗୁନ ପ୍ରକାଶ କରିଥିଲେ। ଅଭିଯୋଗକାରୀ ଟ୍ରକ୍‌ଡ୍ରାଇଭରଙ୍କ ପକ୍ଷରୁ ସରକାରୀ ଆଇନଜୀବୀ ବିଶ୍ୱନାରାୟଣ ବହିଦାର ମାମଲା ପରିଚାଳନା କରୁଥିଲେ।

## ଶିଶୁକନ୍ୟାକୁ ଜୀବନଦାନ ଦେଲେ ଆଶାକର୍ମୀ ଓ ଗ୍ରାମବାସୀ

କୋକସରା,(ସବ୍ୟୁ): ଅଲୋଡ଼ା ହୋଇଛି ଶିଶୁକନ୍ୟା । ଜନ୍ମର କିଛି ସମୟ ପରେ ଅଳିଆ ଗଦାରେ ଫିଙ୍ଗିଦେଲା ଜନ୍ମକଲା ମା ଓ ପରିବାର। ଏଭଳି ନିର୍ଦ୍ଦୟ, କଠୋର ହୃଦୟ ମମତା ବିହୀନ ମା, ବାପା ଓ ପରିବାର କିଏ ଆଉ କେଉଁ ପରିସ୍ଥିତିରେ ଏଭଳି ଅମାନବୀୟ କାଣ୍ଡ କରିଛି ତାକୁ ନେଇ ଉଠିଛି ଅନେକ ପ୍ରଶ୍ନ । କଳାହାଣ୍ଡି ଜିଲ୍ଲା କଳମପୁର ଥାନା ଅନ୍ତର୍ଗତ ଭୁର୍ଷିଗୁଡା ଗାଁର ଗୋଟିଏ ବୁଦା ମୁଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ ଗତ ରାତିରେ ଗାଁର କିଛି ଯୁବକ ରାସ୍ତାରେ ବୁଲିବା ପାଇଁ ଆସିଥିଲେ। ଏ ସମୟରେ ପାଖରେ ଥିବା ଏକ ବୁଦା ମୂଳେ ଛୁଆ କାନ୍ଦୁଥିବା ଶୁଣିବାକୁ ମିଳିଥିଲା। କଣ ହୋଇଛି ବୋଲି ଯୁବକ ମାନେ ମୋବାଇଲ ଟର୍ଚ୍ଚ ମାରି ଯାହା ଦେଖିଲେ ସେଇ ଦୃଶ୍ୟ ହୃଦୟକୁ ଥରାଇ ଦେଇଥିଲା। ଜଣେ ଏକ ନବଜନ୍ମିତ ଶିଶୁକନ୍ୟା ଖତଗଦାରେ ଅସୁରକ୍ଷିତ ଭାବେ ପଡିରହି ମରଣ ସହ ସଂଗ୍ରାମ କରୁଥିଲା । ତୁରନ୍ତ ଗାଁର ଆଶା, ଅଙ୍ଗନବାଡ଼ି, ସ୍ଥାନୀୟ ପୋଲିସକୁ ଖବର ଦିଆଯାଇଥିଲା। ପରେ ଶିଶୁକନ୍ୟାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ରଣମାଳ ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ଅନ୍ୟପକ୍ଷରେ ଏହା ଅବୈଧ ସଂପର୍କ ନା ଶିଶୁକନ୍ୟା ପାଇଁ ଆଲୋଡ଼ା ତାକୁ ନେଇ ଚର୍ଚ୍ଚା ଜୋର ଧରିଛି ।

# ବଡଖମାର ଲାଲବାହାଦୁର କ୍ଲବର ବାର୍ଷିକ ଉତ୍ସବ

ସୋନପୁର/ବୀରମହାରାଜପୁର,(ସବ୍ୟୁ):ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଜଟେସିଂହା ପଞ୍ଚାୟତ ଅନ୍ତର୍ଗତ ବଡ଼ଖମାର ସ୍ଥିତ ଲାଲ ବହାଦୁର କ୍ଲବର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । କ୍ଲବ ସଭାପତି ଅମ୍ବରିଶ ବାରିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉତ୍ସବରେ ବୟନିକା ରାଜ୍ୟ ସଭାପତି ପ୍ରକାଶ ଚନ୍ଦ୍ର ମେହେର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଶିକ୍ଷାବିତ କ୍ଷିର ସାଗର ବିଭାର, ମୀନକେତନ ମହାକୁର, ଦୁର୍ଯୋଧନ ମେହେର, ଡୋଳାମଣି ମେହେର, ଆଶିଷ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ସ୍ୱାଗତ ସଂଗୀତ ପରିବେଷଣ କରିଥିବା ଶିଶୁ କଳାକାର ମାନଙ୍କୁ ମୁଖ୍ୟ ଅତିଥି ଦ୍ୱାରା ପୁରସ୍କୃତ କରାଯାଇଥିଲା । ସ୍ଥାନୀୟ ବରାହପଦର ମଠ ବାର ଜଣ ଅନ୍ତେବାସୀଙ୍କୁ ବୟନିକା ପକ୍ଷରୁ ଶୀତ ବସ୍ତ୍ର,ବେଡସିଟ ଚାଦର ପ୍ରଦାନ କରାଯାଇଥିଲା। ଏହି ଅବସରରେ ସାହିତ୍ୟ ସ୍ରଷ୍ଟା ଗୋପୀନାଥ ସୁନାଙ୍କୁ ସମ୍ମାନୀତ କରିବା ସହ ବିଭିନ୍ନ କଳାକାର ମାନଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ମନମୁଣ୍ଡା ତ୍ରିରଙ୍ଗା କ୍ଲବ ବରିଷ୍ଠ ସଦସ୍ୟ ଅନିଲ ମଲିକ, ରାଜେଶ ରଣା, ଜିତେନ୍ଦ୍ର ମେହେର, ଯଶୋବନ୍ତ ମଲିକ, ବିଶ୍ୱଜିତ ପାତ୍ର, ସଞ୍ଜୟ ମହାପାତ୍ର, କ୍ଲବ ସଦସ୍ୟ ହେମନ୍ତ ପଧାନ, ଉମାକାନ୍ତ ଭୋଇ, ସଞ୍ଜିବ ସାହୁଙ୍କ ସମେତ ଗ୍ରାମ ଓ ଆଖପାଖ ଅଞ୍ଚଳର ହଜାର ସଂଖ୍ୟାରେ ଦର୍ଶକ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସଚ୍ଚିଦାନନ୍ଦ ମହାକୁର ପରିଚାଳନା କରିଥିବାବେଳେ କ୍ଲବ ସମ୍ପାଦକ ଗଦାଧର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସ୍ଥାନୀୟ ଶିଶୁ କଳାକାର ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

## ଅଗ୍ରସେନ ଜୟନ୍ତୀ ଉପଲକ୍ଷେ ଭବ୍ୟ ଶୋଭାଯାତ୍ରା



ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ଠାରେ ଅଗ୍ରସେନ ଜୟନ୍ତୀ ପାଳିତ ହୋଇଯାଇଛି । ଏହି ଅବସରରେ ଗେଇଟି ରୋଡ ସ୍ଥିତ ମାରୱାଡି ଧର୍ମଶାଳା ଠାରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରିଥିଲା । ଏହା ବୈଦ୍ୟନାଥ ଛକ, ମ୍ୟୁନସିପାଲଟି ଛକ, ମାରୱାଡି ପଡା, ଧୋବାପଡା ଦେଇ ସହର ପରିକ୍ରମା କରିଥିଲା । ଏଥିରେ କମିଟିର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# କାହ୍ନାଙ୍କୁ ବିଜୁ ପଟ୍ଟନାୟକ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ପୁରସ୍କାର

ବଲାଙ୍ଗିର,(ସବ୍ୟୁ): ନିରନ୍ତର ସ୍ୱାର୍ଥହୀନ ଭାବରେ କାମ କଲେ ପୁରସ୍କାର ପଛରେ ଦୌଡ଼ିବାକୁ ପଡ଼ିନଥାଏ । ଆଜିର ଏହି ବିଜୁ ପଟ୍ଟନାୟକ ରାଜ୍ୟସ୍ତରୀୟ ବନ୍ୟ ପ୍ରାଣୀ ପୁରସ୍କାର ପ୍ରମାଣିତ କରିଦେଇଛି । ୨୦୨୪ ରାଜ୍ୟ ବିଜୁ ବନ୍ୟପ୍ରାଣୀ ସଂରକ୍ଷକ ପୁରସ୍କାରରେ ଭୂଷିତ ହୋଇଛନ୍ତି ବଲାଙ୍ଗିର ସହରର ବନ୍ୟ ପ୍ରାଣୀ ସଂରକ୍ଷକ ତଥା କର୍ତ୍ତବ୍ୟ ଫାଉଣ୍ଡେସନର ମୁଖ୍ୟ ଶୈଳେନ୍ଦ୍ର ନାରାୟଣ ଶତପଥୀ (କାହ୍ନା)। କାହ୍ନା ପ୍ରାଣୀଙ୍କ ପ୍ରତିଥିବା ସ୍ନେହ ଓ କରୁଣା ଯୋଗୁଁ ହଜାର ହଜାର ସଂଖ୍ୟାରେ ସାପ, ଗୋରୁ ଗାଇ ଏବଂ ବିଭିନ୍ନ ପ୍ରଜାତିର ବନ୍ୟ ଜୀବଜନ୍ତୁ ନୂତନ ଜୀବନ ଲାଭ କରିଛନ୍ତି । ତାଙ୍କରି ଉଦ୍ୟମ ଯୋଗୁଁ ସାଧାରଣ ଜନତା ମଧ୍ୟ ଜନ୍ତୁଙ୍କୁ ସଂରକ୍ଷଣ କରିବା ପାଇଁ ସଚେତନ ହେଉଛନ୍ତି । ବୁଧବାର ଭୁବନେଶ୍ୱର ମେ ଫେୟାର ହୋଟେଲରେ ଆୟୋଜିତ ୭୦ ତମ ବନ୍ୟପ୍ରାଣୀ ସପ୍ତାହ ପାଳନ ଅବସରରେ ରାଜ୍ୟ ଜଙ୍ଗଲ ପରିବେଶ ବିଭାଗ ମନ୍ତ୍ରୀ ତଥା ରାଜ୍ୟ ଶ୍ରମମନ୍ତ୍ରୀ ଗଣେଷରାମ ସିଂ ଖୁଣ୍ଟିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର କାହ୍ନାଙ୍କୁ ପ୍ରଦାନ କରିଛନ୍ତି ।



ପୁରସ୍କାର ରାଶି ଭାବେ ୧ଲକ୍ଷ ଟଙ୍କା ଚେକ୍, ମାନପତ୍ର ପ୍ରଦାନ କରାଯାଇଥିଲା । ଶ୍ରୀ ଶତପଥୀଙ୍କୁ ମିଳିଥିବା ପୁରସ୍କାର ପାଇଁ କେବଳ ବଲାଙ୍ଗୀର ନୁହେଁ ସୋନପୁର, କଳାହାଣ୍ଡି ଏବଂ ନୂଆପଡା ଜିଲ୍ଲା ମଧ ଆଜି ଗର୍ବିତ । କାହ୍ନାଙ୍କ ବନ୍ୟପ୍ରାଣୀ ସେବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧନା ଓ ପୁରସ୍କାର ପ୍ରଦାନ କରାଯାଇଛି ।

# ଆହାର କେନ୍ଦ୍ରରେ ମଧ୍ୟାହ୍ନଭୋଜନ କଲେ ମନ୍ତ୍ରୀ

ସମ୍ବଲପୁର,(ସବ୍ୟୁ): ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଗୁରୁବାର ସମ୍ବଲପୁର ଜେଲ ଛକ ସ୍ଥିତ ସାର୍ବଜନୀନ ଆହାର କେନ୍ଦ୍ର ପରିଦର୍ଶନ କରିଛନ୍ତି । ଏଥିସହ ଖାଇବାକୁ ଆସୁଥିବା ଲୋକଙ୍କ ସହ ଖାଦ୍ୟର ମାନ ସମ୍ପର୍କରେ ଆଲୋଚନା କରିଥିଲେ । ଆହାର କେନ୍ଦ୍ର ଚଳାଉଥିବା ଅଧିକାରୀ ଓ କର୍ମଚାରୀଙ୍କ ସହ ସ୍ୱଚ୍ଛତା, ଟୋକନ ସଂଖ୍ୟା ବୃଦ୍ଧି ଏବଂ ଅଧିକ ପରିମାଣର ଖାଦ୍ୟ ଦେବାକୁ ପରାମର୍ଶ ଦେଇଥିଲେ । ଖୋଦ୍ ନିଜେ ସାଧାରଣ ଲୋକଙ୍କ ଭଳି ଟିକେଟ୍ କାଟି ଧାଡିରେ ଛିଡା ହୋଇଥିଲେ । ଖାଦ୍ୟ ସଂଗ୍ରହ କରିବା ସହ ସର୍ବସାଧାରଣଙ୍କ ସହ ବସି ମଧ୍ୟାହ୍ନ ଭୋଜନ କରିଥିଲେ । ପରେ ନିଜେ ଥାଳି ଧୋଇ କେନ୍ଦ୍ରର ଚତୁଃପାର୍ଶ୍ୱ ବୁଲି ଦେଖିଥିଲେ । ତେବେ ମନ୍ତ୍ରୀ ଓ ଅଧିକାରୀ ମାନେ ବାରମ୍ବାର ପରିଦର୍ଶନରେ ଆସିଲେ ଆଧାର କେନ୍ଦ୍ର ପରିଚାଳନା ଏବଂ ଖାଦ୍ୟର ମାନ ପୂର୍ବାପେକ୍ଷା ଭଲ ହେବ ବୋଲି ଆଶା କରାଯାଉଛି ।



## ମହିଳାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ଘଟଣା, ସ୍ୱାମୀ ଗିରଫ

ମୁରିବାହାଲ,(ସବ୍ୟୁ): ମୁରିବାହାଲ ଥାନା ବଡସାଇମରା ପଞ୍ଚାୟତ ଟେଙ୍ଗରା ଗ୍ରାମରେ ସୁନୀତା ଦାସ(୨୭)ନାମ୍ନୀ ଜଣେ ବିବାହିତା ମହିଳାଙ୍କ ଝୁଲନ୍ତା ମୃତଦେହକୁ ପୁଲିସ ଉଦ୍ଧାର କରିଥିଲା । ଅନ୍ୟପକ୍ଷରେ ତାଙ୍କ ବିବାହିତା ଝିଅଙ୍କୁ ଯୌତୁକ ଓ ଶାରୀରିକ ନିର୍ଯ୍ୟାତନା ଦେଇ ଶାଶୁଘର ଲୋକେ ହତ୍ୟା କରିଥିବା ବାପଘର ଲୋକେ ଅଭିଯୋଗ କରିଥିଲେ । ଏହି ଘଟଣାରେ ପୁଲିସ ମୃତ ସୁନିତାଙ୍କ ସ୍ୱାମୀ କୈଳାସ ଦାସଙ୍କୁ ଗିରଫ କରି ଗୁରୁବାର କୋର୍ଟ ଚାଲାଣ କରିଛି ।

# ବିଦ୍ୟୁତ ବିତରଣ ଭିତ୍ତିଭୂମିକୁ ସୁଦୃଢ କଲା ଟିପିଡବ୍ଲ୍ୟୁଓଡିଏଲ୍

ସମ୍ବଲପୁର/ସୁନ୍ଦରଗଡ଼,(ସବ୍ୟୁ): ସ୍ୱଚ୍ଛତା ଏବଂ ପରିବେଶ ସଚେତନତାକୁ ପ୍ରୋତ୍ସାହିତ କରିବା ପାଇଁ ଟିପିଡବ୍ଲ୍ୟୁଓଡିଏଲ 'ସ୍ୱଚ୍ଛ ଭାରତ ଦିବସ' ଅବସରରେ ଅକ୍ଟୋବର ୨ ତାରିଖ ଦିନ ବୁର୍ଲା ସ୍ଥିତ ହୀରାକୁଦ ଡ୍ୟାମ ପରିସର ଏବଂ ମାଆ ଝାଙ୍କରାଣୀ ମନ୍ଦିର ପରିସରରେ ଏକ ସଫେଇ ଅଭିଯାନ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ ସମ୍ବଲପୁର ଫରେଷ୍ଟ ରେଞ୍ଜର ରାଜେଶ କୁମାର ମହାକୁଡ଼, ସମ୍ବଲପୁର ମହାନଗର ନିଗମ ଅତିରିକ୍ତ କମିଶନର ଏବଂ ଟିପିଡବ୍ଲ୍ୟୁଓଡିଏଲର ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ । ବୁର୍ଲାର ହୀରାକୁଦ ଡ୍ୟାମ୍ ସାଇଟରେ ସଫେଇ ଅଭିଯାନ ଆରମ୍ଭ ହୋଇଥିଲା, ଯେଉଁଠାରେ ଟିପିଡବ୍ଲୁଓଡିଏଲର ଅଧିକାରୀ ଏବଂ କର୍ମଚାରୀ, ସ୍ଥାନୀୟ ସ୍କୁଲର ଛାତ୍ରଛାତ୍ରୀ ଏବଂ କିଛି ସ୍ଥାନୀୟ ବାସିନ୍ଦା ମିଳିମିଶି ହୀରାକୁଡ ଡ୍ୟାମ୍ ପରିସର ଏବଂ ମାଆ ଝାଙ୍କରାଣୀ ମନ୍ଦିର ପରିସରର ସଫେଇ କରିଥିଲେ । କାର୍ଯ୍ୟକ୍ରମର ଅଂଶଗ୍ରହଣକାରୀମାନେ ବର୍ଜ୍ୟବସ୍ତୁ ସଂଗ୍ରହ ଏବଂ ଏକ ସ୍ୱଚ୍ଛ ପରିବେଶ ବଜାୟ ରଖିବାର ଗୁରୁତ୍ୱ ବିଷୟରେ ସଚେତନତା ସୃଷ୍ଟି କରିବା ସମେତ ବିଭିନ୍ନ କାର୍ଯ୍ୟକଳାପରେ ନିୟୋଜିତ ହୋଇଥିଲେ । କାର୍ଯ୍ୟକ୍ରମରେ ସ୍ୱଚ୍ଛ ଭାରତ ଉପରେ ଏକ ପଥପ୍ରାନ୍ତ ନାଟକ ମଧ ପ୍ରଦର୍ଶିତ କରାଯାଇଥିଲା । ଟିପିଡବ୍ଲୁଓଡିଏଲର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ ବର୍ମା ଖୁସି ବ୍ୟକ୍ତ କରିବା ସହ ପ୍ରକାଶ କରିଛନ୍ତି ଯେ, ଆମେ ବିଶ୍ୱାସ କରୁ, ଆମ ସମ୍ପ୍ରଦାୟର ସ୍ୱାସ୍ଥ୍ୟ ଏବଂ କଲ୍ୟାଣ ପାଇଁ ଏକ ସ୍ୱଚ୍ଛ ପରିବେଶ ଗୁରୁତ୍ୱପୂର୍ଣ୍ଣ । ଏହି ସଫେଇ ଅଭିଯାନ ମାଧ୍ୟମରେ, ଆମେ ସାମୂହିକ କାର୍ଯ୍ୟକୁ ଅନୁପ୍ରାଣିତ କରିବା ଏବଂ ଆମ ପରିବେଶ ପ୍ରତି ଦାୟିତ୍ୱବୋଧ ସୃଷ୍ଟି କରିବାକୁ ଲକ୍ଷ୍ୟ ରଖିଛୁ ।

# ଜମନକିରା ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଉଦ୍‌ଯାପିତ

ଜମନକିରା, (ସବ୍ୟୁ): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ ସଦର ମହକୁମା ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଗୁରୁବାର ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଉଦଯାପିତ ହୋଇଯାଇଛି। ଉଦଘାଟନୀ ମହୋତ୍ସବରେ ମୂଖ୍ୟଅତିଥି ଭାବେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ମନ୍ତ୍ରୀ ରବି ନାରାୟଣ ନାୟକ ଯୋଗଦେଇ ଛାତ୍ର ଛାତ୍ରୀଙ୍କୁ ଧର୍ମପଦ ଓ ଏକଲବ୍ୟଙ୍କ ଉଦାହରଣ ଦେଇ ତୁମ୍ଭେ ମାନେ ମଧ ଦୃଢ଼ ଶକ୍ତି ବଳରେ ସେହିପରି ହୋଇ ପାରିବ ବୋଲି ନିଜ ବକ୍ତବ୍ୟ ମାଧ୍ୟମରେ ପ୍ରକାଶ କରିଥିଲେ। ମୁଖ୍ୟବକ୍ତା ଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷା ଆଶ୍ରିତ ଭୋଇ ଯୋଗ ଦେଇଥିବା ବେଳେ ସମ୍ମାନୀୟ ଅତିଥି ଭାବେ ଗୋଷ୍ଠି ଶିକ୍ଷା ଅଧିକାରୀ ରୁକ୍ମଣ ପ୍ରଧାନ ଯୋଗଦେଇଥିଲେ। ଷଣ୍ଢପଥର ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ରାଜେନ୍ଦ୍ର କୁମାର ଜଗତ ମଞ୍ଚ ପରିଚାଳନା କରିଥିବା ବେଳେ ସିଆରସି ଶ୍ରୀକାନ୍ତ ପଟେଲ ବ୍ଲକ ଶିକ୍ଷା ଦିଗରେ ଥିବା ବିଭିନ୍ନ ସମସ୍ୟା ନେଇ ମନ୍ତ୍ରୀଙ୍କୁ ଅବଗତ କରିଥିଲେ। ଏଥିରେ ରଚନା, ନାଚ, ବାକ୍ତୃତା, ପେଣ୍ଟିଂ, ଡ୍ରଇଂ, ମଧ୍ୟାହ୍ନ ଭୋଜନ ସମ୍ପର୍କିତ ଆର୍ଟ ଏବଂ କ୍ରାଫ୍ଟ, ଡିକ୍ଲେସନ, ହସ୍ତ ଲିଖନ,



ସଙ୍ଗୀତ ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଜମନକିରା ବ୍ଲକ ଅନ୍ତର୍ଗତ ୧୯ ଟି କ୍ଲଷ୍ଟରରୁ ମୋଟ ୪୫୦ ଜଣ ଛାତ୍ରୀ ଛାତ୍ର ଯୋଗ ଦେଇଥିଲେ। ସେହିପରି ଉଦଯାପନୀରେ ଅତିରିକ୍ତ ଶିକ୍ଷା ଗୋଷ୍ଠୀ ଅଧିକାରୀ ସୁଶ୍ରୀ ଦେବକୀ ନାଏକ ଅଧ୍ୟକ୍ଷତା କରୁଥିବା ବେଳେ ମୁଖ୍ୟଅତିଥି ଭାବେ ବିଡ଼ିଓ ସୁଶ୍ରୀ ରୀନା ନାଏକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ତହସିଲଦାର ହରେକୃଷ୍ଣ ବରିହା , ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ପ୍ରଧାନ ଶିକ୍ଷକ ଶ୍ରୀ ଜଗତ ପରିଚାଳନା କରିଥିଲେ । ଏବିଇଓ ସୁଶ୍ରୀ ନାଏକ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ମୋଟ ୨୦ ଟି ନୃତ୍ୟ ପରିବେଷଣ ହୋଇଥିବା ବେଳେ ପ୍ରଥମ ସ୍ଥାନ ଟିକିଲିପଡ଼ା ବାଳିକା ଆଶ୍ରମ ସ୍କୁଲ, ଦ୍ୱିତୀୟ ସ୍ଥାନ ଭୋଜପୁର କଲେଜ ଓ ତୃତୀୟ ସ୍ଥାନରେ ବଡରମା ବନଦୁର୍ଗା ସ୍କୁଲ ହୋଇଥିଲେ। ବିତର୍କ ପ୍ରତିଯୋଗିତାରେ ଆଦ୍ୟାଶା ମହାକୁଲ ପ୍ରଥମ ସ୍ଥାନ ହାସଲ କରିଥିଲେ।

# ଧାରଣାରେ ରାମୁଲୁ ଆମ୍ମା

ରାୟଗଡା,(ସବ୍ୟୁ): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏସ ରାମ୍ମୁଲୁ ଆମ୍ମା( ୭୦) ଧାରଣାରେ ବସିଥିବା ଦୃଶ୍ୟ ଗାନ୍ଧୀଜୀଙ୍କ ପୁଣ୍ୟତିଥି ଭଳି ଦିନରେ ଏକ ଶକ୍ତ ଚାପୁଡ଼ା । ନିଜର ସମ୍ପୂର୍ଣ୍ଣ ଜୀବନକାଳ ଏକ୍କ ବୋର୍ଡ ପ୍ରାଥମିକ ବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟକରି ଅବସର ଗ୍ରହଣ କରିଥିବା ଏସ ରାମ୍ମୁଲୁ ଆମ୍ମା ନିଜର ପେନସନ ବ୍ୟବସ୍ଥା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ଠାରୁ ଆରମ୍ଭ କରି ବହୁ ରାଜ୍ୟସ୍ତରୀୟ ଉଚ୍ଚ ପଦସ୍ଥ ବିଭାଗୀୟ ଅଧିକାରୀଙ୍କୁ ବିନୀତ କରି ନିଜ ହକ୍ ପାଇବାରୁ ବଞ୍ଚିତ ହୋଇଛନ୍ତି । ଶେଷରେ ଧାରଣା ଦେବାର ପନ୍ଥା ଆବୋରି ନେଇଥିବା କହିଛନ୍ତି । ୧୯୭୮ ମସିହାରୁ ଏକ୍କ ବୋର୍ଡ ପ୍ରାଥମିକ ବିଦ୍ୟାଳୟରୁ ଚାକିରି ଜୀବନ ଆରମ୍ଭ କରି ୩୭ ବର୍ଷ କାଳ ଚାକିରିକରି ଅବସର ନେଇଥିଲେ ଏସ ରାମ୍ମୁଲୁ ଆମ୍ମା । କିନ୍ତୁ ତାଙ୍କୁ ଏପର୍ଯ୍ୟନ୍ତ ନ୍ୟାୟ ମିଳିନଥିବା ବେଳେ ତାଙ୍କ ପେନସନ ଲାଗୁ କରା ଯାଇନଥିବା ପ୍ରକାଶ କରିଛନ୍ତି। ଏହା ମଧ କହିଛନ୍ତି ଯେ ସରକାର ଓ ପ୍ରଶାସନ ତାଙ୍କ ଜୀବନର ଶେଷ ସମୟରେ ତାଙ୍କର ଗୁହାରି ଶୁଣିବେ ବୋଲି ଆଶା ରଖିଥିବା ବେଳେ ପୁଲିସ ଆଜି ଧାରଣ ସ୍ଥାନରୁ ଉଠାଇ ନେଇ ଯାଇଛି।



